"ମିଠେ ବଚ୍ଚେ: - ଯଦି ପବିତ୍ର ହେବ ତେବେ ଆତ୍ମିକ ସେବା କରିବାର ଯୋଗ୍ୟ ହୋଇପାରିବ, ଦେହୀ-ଅଭିମାନୀ ସନ୍ତାନମାନେ ନିଜେ ଆତ୍ମିକ ଯାତ୍ରାରେ ରହି ଅନ୍ୟମାନଙ୍କୁ ମଧ୍ୟ ଏହି ଯାତ୍ରା ଶିଖାଇଥା'ନ୍ତି । "

ପ୍ରଶ୍ନ**:-** ସଂଗମଯୁଗରେ ତୁମେମାନେ ଯେଉଁ ରୋଜଗାର କରୁଛ, ତାହା ହିଁ ହେଉଛି ପ୍ରକୃତ ରୋଜଗାର - କିପରି?

ଉତ୍ତର**:-** ବର୍ତ୍ତମାନର ରୋଜଗାର ୨୧ ଜନ୍ମ ପର୍ଯ୍ୟନ୍ତ ଚାଲିବ, ଏଥିରେ କେହି ଦେବାଳିଆ ହୁଅନ୍ତି ନାହିଁ । ଜ୍ଞାନ ଶୁଣିବା ଏବଂ ଶୁଣାଇବା, ଯୋଗ କରିବା ଏବଂ କରାଇବା - ଏହା ହିଁ ହେଉଛି ପ୍ରକୃତ ରୋଜଗାର । ଯାହାକୁ ସତ୍ୟ ପିତା ହିଁ ତୁମମାନଙ୍କୁ ଶିଖାଉଛନ୍ତି । ଏହିଭଳି ରୋଜଗାର ସାରା କଳ୍ପରେ ମଧ୍ୟ କେହି କରିପାରିବେ ନାହିଁ । ଅନ୍ୟ କୌଣସି ବି ରୋଜଗାର ସାଥିରେ ଯିବ ନାହିଁ ।

ଗୀତ**:-** ହମେଁ ଉନ ରାହୋଁ ପର ଚଲନା ହୈ......

ଓମ୍ ଶାନ୍ତି । ଭକ୍ତିମାର୍ଗରେ ତ ପିଲାମାନେ ବହୁତ ଠୋକର ଖାଇଛନ୍ତି । ବହୁତ ଭାବନାର ସହିତ ତୀର୍ଥଯାତ୍ରା କରିବାକୁ ଯାଇଥା'ନ୍ତି, ରାମାୟଣ ଆଦି ଶୁଣିଥାନ୍ତି । ଏପରି ସ୍ନେହର ସହିତ କାହାଣୀ ଶୁଣନ୍ତି ଯେ, ଆଖିରେ ଲୁହ ଆସିଯାଇଥାଏ । ଆମ ଭଗବାନଙ୍କର ଭଗବତୀ ସୀତାଙ୍କୁ ରାବଣ ଡାକୁ ନେଇଗଲା । ଏ କଥା ଶୁଣିବା ସମୟରେ କାନ୍ଦିଥା'ନ୍ତି । ଏ ସବୁ ହେଲା ମନଗଢା କଥା, ଯେଉଁଥିରେ କିଛି ବି ଫାଇଦା ନାହିଁ । ସମସ୍ତେ ତାଙ୍କୁ ଡାକୁଛନ୍ତି - ହେ ପତିତ-ପାବନ ଆସ, ଆସି ଆମ ଦୁଃଖୀ ଆତ୍ମାମାନଙ୍କୁ ସୁଖୀ କର । ଏ କଥା ବୁଝୁ ନାହାଁନ୍ତି ଯେ, ଆତ୍ମା ଦୁଃଖୀ ହେଉଛି, କାରଣ ସେମାନେ ଆତ୍ମାକୁ ନିର୍ଲେପ ଅର୍ଥାତ୍ ପାପ ପୁଣ୍ୟ ପ୍ରଭାବରୁ ମୁକ୍ତ ବୋଲି କହି କହିଦେଉଛନ୍ତି । ଭାବୁଛନ୍ତି ଆତ୍ମା ସୁଖ ଦୁଃଖରୁ ଅଲଗା । ଏ କଥା କାହିଁକି କହୁଛନ୍ତି? ଭାବୁଛନ୍ତି - ପରମାତ୍ମା ସୁଖ ଦୁଃଖରୁ ଅଲଗା, ତେଣୁ ପିଲାମାନେ ସୁଖ ଦୁଃଖରେ କିପରି ଆସିବେ? ଏହି କଥାକୁ ବର୍ତ୍ତମାନ ପିଲାମାନେ ଜାଣୁଛନ୍ତି । ଏହି ଜ୍ଞାନ ମାର୍ଗରେ ମଧ୍ୟ କେବେ ଖରାପଗ୍ରହ ଆସୁଛି, କେବେ କିଛି ହୋଇଯାଉଛି । କେବେ ପ୍ରଫୁଲ୍ଲିତ ରହୁଛନ୍ତି, କେବେ ପୁଣି ଚେହେରା ଝାଉଁଳି ଯାଉଛି । ଏ ସବୁ ମାୟାର ଲଢେଇ । ତେଣୁ ମାୟା ଉପରେ ବିଜୟ ପ୍ରାପ୍ତ କରିବାକୁ ହେବ । ଯେତେବେଳେ ବେହୋସ ହୋଇଯାଇଥାଆନ୍ତି, ସେତେବେଳେ ସଞ୍ଜିବନୀ ବୁଟୀ ଦିଆଯାଏ ଏବଂ ସେହି ସଞ୍ଜିବନୀ ବୁଟୀ ହେଲା - ମନମନାଭବ । ଭକ୍ତିମାର୍ଗରେ ବହୁତ ଆଡମ୍ବର ରହିଛି । ଦେବତାମାନଙ୍କର ମୂର୍ତ୍ତିକୁ କେତେ ସୁସଜ୍ଜିତ କରିଥା'ନ୍ତି, ସଚ୍ଚା ଅଳଙ୍କାର ପିନ୍ଧାଇଥା'ନ୍ତି । ତେବେ ସେହି ଅଳଙ୍କାର ସବୁ ତ ଠାକୁରଙ୍କର ସମ୍ପତ୍ତି ଏବଂ ପରେ ପୁଣି ସେହି ସମ୍ପତ୍ତି ପୂଜାରୀ ଅଥବା ଟ୍ରଷ୍ଟିଙ୍କର ହୋଇଯାଏ । ତୁମେମାନେ ଜାଣିଛ ଯେ, ଆମେ ଚୈତନ୍ୟରେ ବହୁତ ହୀରାନୀଳାରେ ସଜ୍ଜିତ ହୋଇ ଥିଲୁ । ପୂଜାରୀ ହେଲା ପରେ ମଧ୍ୟ ବହୁତ ଅଳଙ୍କାର ପିନ୍ଧିଥିଲୁ । ଏବେ କିଛି ବି ନାହିଁ । ଚୈତନ୍ୟରେ ମଧ୍ୟ ପିନ୍ଧିଥିଲୁ ଏବଂ ଜଡ ରୂପରେ ମଧ୍ୟ ପିନ୍ଧୁଥିଲୁ, ଏବେ ତ କୌଣସି ଅଳଙ୍କାର ନାହିଁ । ଆମେ ବିଲକୁଲ ସାଧାରଣ ରହୁଛୁ । ବାବା କହୁଛନ୍ତି ମୁଁ ସାଧାରଣ ଶରୀରରେ ଆସୁଛି । କୌଣସି ରାଜକୀୟ ଚାକଚକ୍ୟ ନାହିଁ । ସନ୍ନ୍ୟାସୀମାନେ ମଧ୍ୟ ବହୁତ ଥାଟ୍‌ରେ ରହୁଛନ୍ତି ଅର୍ଥାତ୍ ଆଡମ୍ବର ଭିତରେ ରହୁଛନ୍ତି । ଏବେ ତୁମେମାନେ ବୁଝିଗଲଣି ଯେ, ବାସ୍ତବରେ ସତ୍ୟଯୁଗରେ ଆମେ ଆତ୍ମା କିପରି ପବିତ୍ର ଥିଲୁ । ସେଠାରେ ଆମର ଶରୀର ମଧ୍ୟ ପବିତ୍ର ଥିଲା । ତାଙ୍କର ସାଜସଜ୍ଜା ମଧ୍ୟ ବହୁତ ସୁନ୍ଦର ଥିଲା । କେହି ସୁନ୍ଦର ହୋଇଥିଲେ ତାଙ୍କର ସଜେଇ ହେବାରେ ବହୁତ ସଉକ ରହିଥାଏ । ତୁମେମାନେ ମଧ୍ୟ ଯେତେବେଳେ ବହୁତ ସୁନ୍ଦର ଥିଲ ସେତେବେଳେ ବହୁତ ଭଲ ଭଲ ଅଳଙ୍କାର ପିନ୍ଧୁଥିଲ । ହୀରାର ବଡ ବଡ ହାର ପିନ୍ଧୁଥିଲ । ଏଠାରେ ତ ସବୁ ବସ୍ତୁ ଶ୍ୟାମଳ ହୋଇଯାଇଛି । ଏଠାରେ ଗାଈ ମଧ୍ୟ ଶ୍ୟାମଳ ହୋଇଯାଇଛନ୍ତି । ବାବା ଯେତେବେଳେ ଶ୍ରୀନାଥ ମନ୍ଦିରକୁ ଯାଉଥିଲେ, ସେତେବେଳେ ବହୁତ ଭଲ ଭଲ ଗାଈ ଥିଲେ । ଶାସ୍ତ୍ରରେ ମଧ୍ୟ ବର୍ଣ୍ଣିତ ଅଛି ଯେ, ଶ୍ରୀକୃଷ୍ଣଙ୍କର ବହୁତ ଭଲ ଭଲ ଗାଈ ଥିଲେ । ଏଠାରେ ତ ଦେଖ, କେତେ ପ୍ରକାରର ଗାଈ ଅଛନ୍ତି, କାହିଁକି ନା ଏହା କଳିଯୁଗ । ଏପରି ଗାଈ ସେଠାରେ ରହିବେ ନାହିଁ । ତୁମେମାନେ ବିଶ୍□ର ମାଲିକ ହେଉଛ । ତୁମର ସାଜସଜ୍ଜା ମଧ୍ୟ ବହୁତ ସୁନ୍ଦର ହେବ । ବିଚାର କର - ସେଠାରେ ଗାଈ ତ ନିଶ୍ଚିତ ରହିବେ । ସେଠାକାର ଗାଈର ଗୋବର ମଧ୍ୟ କିପରି ହେବ । ସେଥିରେ କେତେ ଶକ୍ତି ରହିଥିବ । ଜମିକୁ ଖତ ଆବଶ୍ୟକ ନା । ଖତ ପକାଇଲେ ଭଲ ଶସ୍ୟ ହୋଇଥାଏ । ସେଠାରେ ସବୁ ଜିନିଷ ବହୁତ ଭଲ ଶକ୍ତିଶାଳୀ ହେବ । ଏଠାରେ ତ କୌଣସି ଜିନିଷରେ ଶକ୍ତି ନାହିଁ । ପ୍ରତ୍ୟେକ ଜିନିଷ ବିଲକୁଲ୍ ଶକ୍ତିହୀନ ହୋଇଯାଇଛି । କନ୍ୟାମାନେ ସୂକ୍ଷ୍ମଲୋକକୁ ଯାଇ କେତେ ଭଲ-ଭଲ ବଡ ବଡ ଫଳ ଖାଉଥିଲେ, ଫଳରସ ଆଦି ପିଉଥିଲେ । ବାବା ସେ ସବୁର ସାକ୍ଷାତ୍କାର କରାଉଥିଲେ । ସେଠାରେ ମାଳି କିପରି ଫଳ ଆଦି କାଟିକରି ଦେଉଥିଲେ । ବାସ୍ତବରେ ସୂକ୍ଷ୍ମଲୋକରେ ତ ଫଳ ଆଦି ହୋଇପାରିବ ନାହିଁ । ଏ ସବୁର କେବଳ ସାକ୍ଷାତକାର ହୋଇଥାଏ । ବୈକୁଣ୍ଠ ତ ଏହିଠାରେ ହିଁ ହେବ ନା । ମନୁଷ୍ୟମାନେ ଭାବୁଛନ୍ତି, ବୈକୁଣ୍ଠ ଉପରେ ରହିଛି । ବୈକୁଣ୍ଠ ନା ସୂକ୍ଷ୍ମଲୋକରେ ନା ମୂଳଲୋକରେ ଥାଏ । ତାହା ତ ଏହିଠାରେ ହିଁ ହେବ । କନ୍ୟାମାନେ ଏଠାରେ ଯାହା ସବୁ ସାକ୍ଷାତ୍କାର କରୁଛନ୍ତି ତାହା ପୁଣି ଏହି ଆଖି ଦ୍□ାରା ଦେଖିବେ । ଯେପରି ପଦବୀ ସେହି ଅନୁସାରେ ସାମଗ୍ରୀ ମଧ୍ୟ ରହିବ । ରାଜାମାନଙ୍କର ମହଲ ଦେଖ କେତେ ସୁନ୍ଦର ହୋଇଥାଏ । ଜୟପୁରରେ ବହୁତ ଭଲ-ଭଲ ମହଲ ତିଆରି ହୋଇଛି । ଲୋକମାନେ କେବଳ ମହଲ ଦେଖିବାକୁ ଯାଉଛନ୍ତି, ସେଥିପାଇଁ ମଧ୍ୟ ଟିକେଟ୍ କରିବାକୁ ପଡିଥାଏ । ସେହି ମହଲ ଖାସ

ସେମାନେ ଦେଖିବା ପାଇଁ ରଖୁଛନ୍ତି । ନିଜେ ଅନ୍ୟ ମହଲରେ ରହିଥା'ନ୍ତି । ତାହା ପୁଣି ଏହି କଳିଯୁଗରେ । ଏହା ହେଉଛି ପତିତ ଦୁନିଆ । କିନ୍ତୁ କେହି ନିଜକୁ ପତିତ ବୋଲି ଭାବୁ ନାହାଁନ୍ତି । ତୁମେମାନେ ଏବେ ଜାଣୁଛ - ଆମେ ତ ପତିତ ଥିଲୁ, କୌଣସି କାମର ନ ଥିଲୁ ପୁଣି ଏବେ ଆମେମାନେ ଗୋରା ହେବାକୁ ଯାଉଛୁ । ସେହି ଦୁନିଆ ହିଁ ଫାଷ୍ଟକ୍ଲାସ୍ ହେବ । ଆମେରିକାରେ ଫାଷ୍ଟକ୍ଲାସ୍ ମହଲ ଥିଲେ ମଧ୍ୟ ସତ୍ୟଯୁଗ ତୁଳନାରେ ତାହା କିଛି ବି ନୁହେଁ, କାହିଁକି ନା ଏହା ଅଳ୍ପକାଳର ସୁଖ ଦେଉଛି । ସେଠାରେ ତ ଫାଷ୍ଟକ୍ଲାସ ମହଲ ହେବ । ଗାଈ ମଧ୍ୟ ଫାଷ୍ଟକ୍ଲାସ୍ ହେବେ । ସେଠାରେ ଗଉଡ ମଧ୍ୟ ରହିବେ । ଶ୍ରୀକୃଷ୍ଣଙ୍କୁ ଗଉଡ କୁହାଯାଇଥାଏ ନା । ଏଠାରେ ଯେଉଁମାନେ ଗାଈକୁ ସମ୍ଭାଳୁଛନ୍ତି, ସେମାନେ ନିଜକୁ ଗଉଡ କହୁଛନ୍ତି । କହୁଛନ୍ତି ଆମେ ଶ୍ରୀକୃଷ୍ଣଙ୍କ ବଂଶାବଳୀ ଅଟୁ । ବାସ୍ତବରେ ଶ୍ରୀକୃଷ୍ଣଙ୍କର ବଂଶାବଳୀ ବୋଲି କୁହାଯିବ ନାହିଁ, ଶ୍ରୀକୃଷ୍ଣଙ୍କ ରାଜଧାନୀର କୁହାଯିବ । ସାହୁକାରମାନଙ୍କ ପାଖରେ ଗାଈ ରହିବେ ଏବଂ ସେମାନଙ୍କୁ ସମ୍ଭାଳିବା ନିମନ୍ତେ ଗୁଜର ଅର୍ଥାତ୍ ଗଉଡ ମଧ୍ୟ ଥିବେ । ଏହି ଗୁଜର ନାମ ସତ୍ୟଯୁଗର । ଏହା କାଲିର କଥା । କାଲି ଆମେ ଆଦି ସନାତନ ଦେବୀ-ଦେବତା ଧର୍ମର ଥିଲୁ, ଏବେ ପତିତ ହୋଇଯାଇଛୁ, ତେଣୁ ନିଜକୁ ହିନ୍ଦୁ କହିଦେଉଛୁ । ପଚାର, ତୁମେ ଆଦି ସନାତନ ଦେବୀ-ଦେବତା ଧର୍ମର ନା ହିନ୍ଦୁ ଧର୍ମର ଅଟ? ଆଜିକାଲି ସମସ୍ତେ ନିଜକୁ ହିନ୍ଦୁ ବୋଲି ଲେଖିଦେଉଛନ୍ତି । ତେବେ ହିନ୍ଦୁ ଧର୍ମ କିଏ ସ୍ଥାପନ କରିଥିଲେ? ଦେବୀ-ଦେବତା ଧର୍ମ କିଏ ସ୍ଥାପନ କରିଥିଲେ? ଏକଥା ମଧ୍ୟ କେହି ଜାଣି ନାହାଁନ୍ତି । ବାବା ତୁମମାନଙ୍କୁ ଏହି ପ୍ରଶ୍ନ ପଚାରୁଛନ୍ତି, କୁହ, ଆଦି ସନାତନ ଦେବୀ ଦେବତା ଧର୍ମ କିଏ ସ୍ଥାପନ କରିଥିଲେ? ଶିବବାବା ହିଁ ବ୍ରହ୍ମାଙ୍କ ଦ୍□ାରା ସ୍ଥାପନ କରୁଛନ୍ତି । ରାମ ଅଥବା ଶିବବାବାଙ୍କ ଶ୍ରୀମତ ଅନୁସାରେ ଆଦି ସନାତନ ଦେବୀ-ଦେବତା ଧର୍ମ ସ୍ଥାପନ ହେଲା । ପୁଣି ଯେତେବେଳେ ରାବଣ ରାଜ୍ୟ ଆରମ୍ଭ ହୁଏ, ସେତେବେଳେ ବିକାରୀ ହୋଇଥା'ନ୍ତି । ଭକ୍ତିମାର୍ଗ ଆରମ୍ଭ ହୋଇଗଲେ ହିନ୍ଦୁ କହିବାରେ ଲାଗିପଡୁଛନ୍ତି । ଏବେ କେହି ବି ନିଜକୁ ଦେବତା କହିପାରିବେ ନାହିଁ । କାରଣ ରାବଣ ସମସ୍ତଙ୍କୁ ବିକାରୀ କରିଦେଇଛି, ପୁଣି ବାବା ଆସି ସମସ୍ତଙ୍କୁ ନିର୍ବିକାରୀ କରୁଛନ୍ତି । ତୁମେମାନେ ଈଶ୍□ରୀୟ ମତ ଦ୍□ାରା ଦେବତା ହେଉଛ । ବାବା ହିଁ ଆସି ତୁମ ବ୍ରାହ୍ମଣମାନଙ୍କୁ ଦେବତା କରୁଛନ୍ତି । ସିଢି କିପରି ଓହ୍ଲାଉଛନ୍ତି, ଏହା ତୁମମାନଙ୍କ ବୁଦ୍ଧିରେ କ୍ରମଅନୁସାରେ ରହିଛି । ତୁମେମାନେ ଜାଣିଛ, ଅନ୍ୟ ସବୁ ମନୁଷ୍ୟମାନେ ଆସୁରୀ ମତରେ ଚାଲୁଛନ୍ତି ଏବଂ ତୁମେମାନେ ଈଶ୍□ରୀୟ ମତରେ ଚାଲୁଛ । ରାବଣର ମତରେ ଚାଲି ତୁମେମାନେ ସିଢି ଓହ୍ଲାଇ ଆସିଛ । ୮୪ ଜନ୍ମ ପରେ ପୁଣି ପ୍ରଥମ ନମ୍ବରର ଜନ୍ମ ହେବ । ଈଶ୍□ରୀୟ ବୁଦ୍ଧି ଦ୍□ାରା ତୁମେମାନେ ସାରା ସୃଷ୍ଟିର ଆଦି-ମଧ୍ୟ-ଅନ୍ତକୁ ଜାଣିଯାଉଛ । ତୁମର ଜୀବନ ବହୁତ ଅମୂଲ୍ୟ ଅଟେ, ଏହାକୁ ହିଁ ଭାଗ୍ୟବାନ ଜୀବନ କୁହାଯିବ । ଯେତେବେଳେ କି ବାବା ଆସି ଆମମାନଙ୍କୁ ପାବନ କରୁଛନ୍ତି । ବର୍ତ୍ତମାନ ଆମେମାନେ ଆତ୍ମିକ ସେବା କରିବାର ଯୋଗ୍ୟ ହୋଇଛୁ । ଦୁନିଆରେ ଶାରୀରିକ ସମାଜ ସେବକମାନେ ଅଛନ୍ତି, ଯେଉଁମାନେ କି ଦେହ-ଅଭିମାନରେ ରହୁଛନ୍ତି । କିନ୍ତୁ ତୁମେମାନେ ଦେହୀ-ଅଭିମାନୀ ଅଟ । ଆତ୍ମାମାନଙ୍କୁ ଆତ୍ମିକ ଯାତ୍ରା ଶିଖାଉଛ । ବାବା ବୁଝାଉଛନ୍ତି, ତୁମେମାନେ ସତ୍ତ୍□ପ୍ରଧାନ ଥିଲ, ଏବେ ତମୋପ୍ରଧାନ ହୋଇଯାଇଛ । ସତ୍ତ୍□ପ୍ରଧାନକୁ ପାବନ ଏବଂ ତମୋପ୍ରଧାନକୁ ପତିତ କୁହାଯାଉଛି । ତେବେ ଆତ୍ମାରେ ହିଁ ଖାଦ ପଡିଛି । ତେଣୁ ଆତ୍ମାକୁ ହିଁ ସତ୍ତ୍□ପ୍ରଧାନ ହେବାକୁ ପଡିବ । ତେବେ ଯେତେ ଯୋଗଯୁକ୍ତ ହୋଇ ରହିବ ସେତେ ପବିତ୍ର ହେବ, ନଚେତ୍ କମ୍ ପବିତ୍ର ହେବ, ପାପର ବୋଝ ମୁଣ୍ଡ ଉପରେ ରହିଯିବ । ସବୁ ଆତ୍ମା ତ ପବିତ୍ର ହୋଇ ଯିବେ, ପୁଣି ପ୍ରତ୍ୟେକଙ୍କର ପାର୍ଟ ଅଲଗା ଅଲଗା ହୋଇଯିବ । ସମସ୍ତଙ୍କର ପାର୍ଟ ସମାନ ହୋଇପାରିବ ନାହିଁ । ସବୁଠାରୁ ଉଚ୍ଚ ହେଉଛି ବାବାଙ୍କର ପାର୍ଟ ପୁଣି ବ୍ରହ୍ମା-ସରସ୍□ତୀଙ୍କର ମଧ୍ୟ କେତେ ପାର୍ଟ ରହିଛି । ଯିଏ ସ୍ଥାପନା କରୁଛନ୍ତି ସେ ପାଳନା ମଧ୍ୟ କରୁଛନ୍ତି । ତାଙ୍କର ପାର୍ଟ ସବୁଠାରୁ ଅଧିକ । ପ୍ରଥମେ ଶିବବାବା ପୁଣି ବ୍ରହ୍ମା-ସରସ୍□ତୀ, ଯିଏକି ପୁନର୍ଜନ୍ମରେ ଆସୁଛନ୍ତି । ଶଙ୍କର ତ କେବଳ ସୂକ୍ଷ୍ମ ରୂପ ଧାରଣ କରୁଛନ୍ତି । ଏପରି ନୁହେଁ ଯେ, ଶଙ୍କର କୌଣସି ଶରୀରର ଲୋନ ନେଉଛନ୍ତି । ଶ୍ରୀକୃଷ୍ଣଙ୍କର ନିଜର ଶରୀର ଅଛି । ଏଠାରେ କେବଳ ଶିବବାବା ଶରୀରର ଲୋନ ନେଉଛନ୍ତି । ମୁକ୍ତି-ଜୀବନମୁକ୍ତିକୁ ନେଇ ଯିବା ପାଇଁ ପତିତ ଶରୀର, ପତିତ ଦୁନିଆରେ ଆସି ସେବା କରୁଛନ୍ତି । ପ୍ରଥମେ ମୁକ୍ତିକୁ ଯିବାକୁ ହେବ । ଜ୍ଞାନର ସାଗର ପତିତ-ପାବନ, ଏକମାତ୍ର ବାବା ହିଁ ଅଟନ୍ତି, ତାଙ୍କୁ ହିଁ ଶିବବାବା ବୋଲି କୁହାଯାଏ । ଶଙ୍କରଙ୍କୁ ବାବା କହିବା ଶୋଭା ପାଉନାହିଁ । ଶିବବାବା ଶବ୍ଦ ବହୁତ ମିଠା । ଶିବଙ୍କ ଉପରେ କେହି ଅରଖ, କେହି କ'ଣ ସବୁ ଚଢାଇଥା'ନ୍ତି, କେହି କ୍ଷୀର ମଧ୍ୟ ଢାଳିଥା'ନ୍ତି ।

ବାବା ପିଲାମାନଙ୍କୁ ଅନେକ ପ୍ରକାରରେ ବୁଝାଉଛନ୍ତି । ବାବା ପିଲାମାନଙ୍କୁ ବୁଝାଇଛନ୍ତି - ସବୁ କିଛି ଯୋଗ ଉପରେ ନିର୍ଭର କରୁଛି । ଯୋଗବଳ ଦ୍□ାରା ହିଁ ବିକର୍ମ ବିନାଶ ହେବ । ଯୋଗୀମାନେ ଜ୍ଞାନକୁ ବହୁତ ଭଲ ଧାରଣ ମଧ୍ୟ କରିଥା'ନ୍ତି । ନିଜେ ପୁରା ପୁରା ଧାରଣାଯୁକ୍ତ ହୋଇଥାନ୍ତି, କାରଣ ସେମାନେ ଅନ୍ୟମାନଙ୍କୁ ମଧ୍ୟ ଶୁଣାଇଥା'ନ୍ତି । ଏହା ହେଉଛି ନୂଆ କଥା - ଭଗବାନ ଯେଉଁମାନଙ୍କୁ ସିଧାସଳଖ ଶୁଣାଇଥିଲେ, ସେହିମାନେ ହିଁ ଶୁଣିଥିଲେ ପୁଣି ଏହି ଜ୍ଞାନ ହିଁ ରହୁ ନାହିଁ । ଏବେ ବାବା ତୁମକୁ ଯାହା ଶୁଣାଉଛନ୍ତି ତାହା ତୁମେମାନେ ଶୁଣୁଛ ଏବଂ ଧାରଣା ମଧ୍ୟ କରୁଛ । ଭବିଷ୍ୟତରେ ପୁଣି ପ୍ରାରବ୍ଧର ଅଭିନୟ କରିବାକୁ ହେବ । ବର୍ତ୍ତମାନ ଜ୍ଞାନ ଶୁଣି, ପୁଣି ଅନ୍ୟମାନଙ୍କୁ ଶୁଣାଇବାକୁ ପଡୁଛି । ସତ୍ୟଯୁଗରେ ଏହି ପାର୍ଟ ରହିବ ନାହିଁ । ସେଠାରେ ପ୍ରାରବ୍ଧର ପାର୍ଟ ଆରମ୍ଭ ହେବ । ଯେପରି ମନୁଷ୍ୟମାନେ ବାରିଷ୍ଟରୀ ପାଠପଢି ବାରିଷ୍ଟର ହୋଇଯାଆନ୍ତି ପୁଣି ରୋଜଗାର କରନ୍ତି । ତେବେ ସେହିପରି ଏହା କେତେ ଉଚ୍ଚ ରୋଜଗାର ଅଟେ । କିନ୍ତୁ ଏହାକୁ ଦୁନିଆରେ କେହି ବି ଜାଣି ନାହାଁନ୍ତି । ତୁମେ ଜାଣିଛ ସତ୍ୟ ବାବା ଆମକୁ ସତ୍ୟ ରୋଜଗାର କରାଉଛନ୍ତି । ଏଥିରେ କେବେ ବି ଦେବାଳିଆ ହେବ ନାହିଁ । ଏବେ ତୁମେମାନେ ସତ୍ୟ ରୋଜଗାର କରୁଛ । ଏହା ପୁଣି ୨୧ ଜନ୍ମ ସାଥିରେ ରହିବ । ବିନାଶୀ ରୋଜଗାର ତ ସାଥିରେ ଯିବ ନାହିଁ । ଏହି ରୋଜଗାର ହିଁ ସାଥିରେ ଯିବ, ତେଣୁ ଏହି ରୋଜଗାର କରିବା ଉଚିତ୍ । ଏକଥା

ତୁମମାନଙ୍କ ବ୍ୟତୀତ ଆଉ କାହାରି ବୁଦ୍ଧିରେ ନାହିଁ । ତୁମମାନଙ୍କ ଭିତରେ ମଧ୍ୟ କେହି କେହି ଘଡି ଘଡି ଏହି କଥାକୁ ଭୁଲିଯାଉଛନ୍ତି । ତେବେ ବାବା ଏବଂ ତାଙ୍କର ବର୍ସାକୁ କେବେ ବି ଭୁଲିବା ଉଚିତ୍ ନୁହେଁ । ବାସ୍, କେବଳ ଗୋଟିଏ କଥା ମନେ ରଖ - ବାବାଙ୍କୁ ମନେ ପକାଅ । ଯେଉଁ ବାବାଙ୍କଠାରୁ ୨୧ ଜନ୍ମର ବର୍ସା ମିଳୁଛି, ୨୧ ଜନ୍ମ ପର୍ଯ୍ୟନ୍ତ କାୟା ନିରୋଗୀ ରହୁଛି । ସେଠାରେ ବୃଦ୍ଧ ହେବା ପର୍ଯ୍ୟନ୍ତ ଅକାଳ ମୃତ୍ୟୁ ହୋଇ ନ ଥାଏ । ତେଣୁ ପିଲାମାନଙ୍କର କେତେ ଖୁସି ରହିବା ଉଚିତ୍ । ମୁଖ୍ୟ କଥା ହେଲା - ବାବାଙ୍କୁ ମନେ ପକାଇବା, କିନ୍ତୁ ଏଥିରେ ହିଁ ମାୟା ବିଘ୍ନ ପକାଉଛି । ଅନେକ ପ୍ରକାରର ତୋଫାନ ନେଇ ଆସୁଛ । ଅନେକ ପ୍ରକାରର ତୋଫାନ ଆସୁଛି । ତୁମେମାନେ କହୁଛ - ବାବାଙ୍କୁ ବହୁତ ମନେ ପକାଇବୁ, କିନ୍ତୁ ମନେ ପକାଇପାରୁ ନାହଁ । ଯୋଗରେ ହିଁ ଅନେକ ଫେଲ୍ ହୋଇଯାଉଛନ୍ତି । ଯୋଗର ବହୁତ ଅଭାବ ରହିଛି । ତେବେ ଯେତେ ଦୂର ସମ୍ଭବ, ଯୋଗରେ ମଜବୁତ ହେବା ଦରକାର । ବାକି ବୀଜ ଏବଂ ବୃକ୍ଷର ଜ୍ଞାନ କୌଣସି ବଡ କଥା ନୁହେଁ ।

ବାବା କହୁଛନ୍ତି, ମୋତେ ମନେ ପକାଅ । ମୋତେ ମନେ ପକାଇଲେ ଏବଂ ମୋତେ ଜାଣିଲେ ତୁମେମାନେ ସବୁ କିଛି ଜାଣିଯିବ । ଯୋଗରେ ହିଁ ସବୁ କିଛି ଭରି ହୋଇ ରହିଛି । ତେଣୁ ମିଠା ବାବା, ଶିବବାବାଙ୍କୁ ମନେ ପକାଇବାକୁ ହେବ । ଭଗବାନ ସର୍ବୋଚ୍ଚ, ସିଏ ଶ୍ରେଷ୍ଠରୁ ଶ୍ରେଷ୍ଠ ଅଟନ୍ତି । ଯିଏକି ୨୧ ଜନ୍ମ ପାଇଁ ଉଚ୍ଚରୁ ଉଚ୍ଚ ବର୍ସା ଦେଉଛନ୍ତି । ତୁମମାନଙ୍କୁ ସଦା ସୁଖୀ ଅମର କରୁଛନ୍ତି । ତୁମେମାନେ ଅମରପୁରୀର ମାଲିକ ହୋଇ ଯାଉଛ । ତେଣୁ ଏପରି ବାବାଙ୍କୁ ବହୁତ ବହୁତ ମନେ ପକାଇବା ଉଚିତ୍ । ଯଦି ବାବାଙ୍କୁ ମନେ ନ ପକାଇବ ତେବେ ଆଉ ସବୁ କିଛି ମନେ ପଡିଯିବ । ଆଚ୍ଛା—

ମିଠା ମିଠା ସିକିଲଧେ ସନ୍ତାନମାନଙ୍କ ପ୍ରତି ମାତା-ପିତା, ବାପଦାଦାଙ୍କର ମଧୁର ସ୍ନେହ ସମ୍ପନ୍ନ ଶୁଭେଚ୍ଛା ଏବଂ ସୁପ୍ରଭାତ । ଆତ୍ମିକ ପିତାଙ୍କର ଆତ୍ମିକ ସନ୍ତାନମାନଙ୍କୁ ନମସ୍ତେ ।

ଧାରଣା ପାଇଁ ମୁଖ୍ୟ ସାର :—

(୧) ଏହି ଈଶ୍□ରୀୟ ଜୀବନ ବହୁତ-ବହୁତ ଅମୂଲ୍ୟ ଅଟେ, ଏହି ଜୀବନରେ ଆତ୍ମା ଏବଂ ଶରୀର ଉଭୟକୁ ପବିତ୍ର କରିବାକୁ ପଡିବ । ରୁହାନୀ ଯାତ୍ରାରେ ରହି ଅନ୍ୟକୁ ଏହି ଯାତ୍ରା ଶିଖାଇବାକୁ ହେବ ।

(୨) ଯେତେ ଦୂର ସମ୍ଭବ - ସଚ୍ଚା ରୋଜଗାର କରିବାରେ ଲାଗିଯିବାକୁ ହେବ । ନିରୋଗୀ ରହିବା ପାଇଁ ଯୋଗରେ ମଜବୁତ ହେବାକୁ ପଡିବ ।

ବରଦାନ:- ଶରୀରକୁ ଈଶ୍□ରୀୟ ସେବା ଅର୍ଥେ ଅମାନତ ମନେ କରି କାର୍ଯ୍ୟରେ ଲଗାଉଥିବା ନଷ୍ଟୋମୋହା ଭବ ।

ଯେପରି ଅନ୍ୟ ଜଣଙ୍କର ଅମାନତ ଅର୍ଥାତ୍ ତୁମ ଦାୟିତ୍□ରେ ଥିବା ଅନ୍ୟର ଜିନିଷରେ ନିଜର ପଣିଆ ନ ଥାଏ, ମମତା ମଧ୍ୟ ନ ଥାଏ, ସେହିପରି ଏହି ଶରୀର ମଧ୍ୟ ଈଶ୍□ରୀୟ ସେବା କରିବା ପାଇଁ ଏକ ଅମାନତ ଅଟେ । ଏହି ଅମାନତକୁ ଆତ୍ମିକ ପିତା ହିଁ ମୋତେ ସେବା କରିବା ପାଇଁ ଦେଇଛନ୍ତି, ତେଣୁ ନିଶ୍ଚିତ ଭାବରେ ଆତ୍ମିକ ପିତାଙ୍କର ସ୍ମୃତି ରହିବ ଏବଂ ଅମାନତ ଭାବିବା ଦ୍□ାରା ରୁହାନିୟତ ଆସିବ ଅର୍ଥାତ୍ ଆତ୍ମ ଅଭିମାନୀ ସ୍ଥିତି ରହିବ, ନିଜ ପଣିଆର ମୋହ ରହିବ ନାହିଁ । ଏହା ହିଁ ହେଉଛି ନିରନ୍ତର ଯୋଗୀ, ନଷ୍ଟୋମୋହା ହେବାର ସହଜ ଉପାୟ । ତେଣୁ ଏବେ ଆତ୍ମ ଅଭିମାନୀ ସ୍ଥିତିକୁ ପ୍ରତ୍ୟକ୍ଷ କର ।

ସ୍ଲୋଗାନ:- ଯଦି ବାନପ୍ରସ୍ଥ ସ୍ଥିତିକୁ ଯିବାକୁ ଚାହୁଁଛ ତେବେ ଦୃଷ୍ଟି-ବୃତ୍ତିରେ ମଧ୍ୟ ପବିତ୍ରତା ଉପରେ ବିଶେଷ ଗୁରୁତ୍□ ଦିଅ ।

*** ଓମ୍ ଶାନ୍ତି ***

ଅବ୍ୟକ୍ତ ଈଶାରା:- ମହାନ ହେବା ପାଇଁ ମଧୁରତା ଏବଂ ନମ୍ରତାର ଗୁଣକୁ ଧାରଣ କର ।

ତୁମମାନଙ୍କର ପ୍ରତ୍ୟେକ ବାଣୀ ମହାନ ହେଉ । ପ୍ରତ୍ୟେକ ମାନସୀକ ସଂକଳ୍ପ ପ୍ରତ୍ୟେକ ଆତ୍ମାଙ୍କ ପ୍ରତି ମଧୁର ହେଉ । ପ୍ରତ୍ୟେକଙ୍କୁ ଉଚ୍ଚକୁ ଉଠାଇବାର ସ୍□ଭାବ, ମଧୁରତାର ସ୍□ଭାବ ଏବଂ ନିର୍ମାଣତାର ସ୍□ଭାବ ହେଉ । ମୋ'ର ସ୍□ଭାବ ଏହିଭଳି ଏହା କେବେ ବି କୁହ ନାହିଁ । ଏହା ମୋ'ର କିପରି ହେଲା! ଜୋରରେ କଥା କହିବା ମୋ'ର ସ୍□ଭାବ, ତୁମର ରାଗିଯିବା ମୋର ସ୍□ଭାବ, ଏହିଭଳି ସ୍□ଭାବର ବଶୀଭୂତ ହେବା ହିଁ ମାୟା ଅଟେ । ଏବେ ମାୟାଜିତ୍ ହୁଅ । ଅଭିମାନରେ ଆସିବା ବା ନିରାଶ ହେବା, ଈର୍ଷା ଅଥବା କ୍ରୋଧ କରିବାର ସ୍□ଭାବକୁ ପରିବର୍ତ୍ତନ କର ।